# NATIONAL NEWS BULLETIN (ODIA)
## 20 January-2025
### Morning Bulletin : 7.15 a.m.

*****************************

## ମୁଖ୍ୟ ସମ୍ବାଦ

- ଭାରତୀୟ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଡାକ ବିଭାଗ ପକ୍ଷରୁ ନୂଆଦିଲ୍ଲୀରେ ଆଜିଠାରୁ ତିନି ଦିନିଆ କାର୍ଯ୍ୟକ୍ରମ ।
- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ପ୍ରତ୍ୟାହାର ଆଜି ଶେଷଦିନ ।
- ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ  ଆଜି ଶପଥ ଗ୍ରହଣ କରିବେ ଡୋନାଲ୍‌ଡ ଟ୍ରମ୍ପ ।

ଏବଂ

- ଖୋଖୋ ବିଶ୍ୱକପ୍‌ର ଉଭୟ ପୁରୁଷ ଓ ମହିଳା ବର୍ଗରେ ଭାରତ  ବିଶ୍ୱ ଚମ୍ପିୟାନ୍ ।

## ପୋଷ୍ଟ- ୭୫ ବର୍ଷ କନ୍‌ଷ୍ଟିଚ୍ୟୁସନ

ଭାରତୀୟ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଡାକ ବିଭାଗ ପକ୍ଷରୁ ଆଜି ନୂଆଦିଲ୍ଲୀରେ ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜନ

କରାଯିବ। ଜାତୀୟ ଡାକଟିକଟ ସଂଗ୍ରହାଳୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସବୁ ବୟସର ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକାରର ଆକର୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉତ୍ସବରେ ପ୍ରଦର୍ଶନୀ, କୁଇଜ୍, ଷ୍ଟାମ୍ପ ସଫାରି ଓ ଚିଠି ଲେଖା ପ୍ରତିଯୋଗିତା ଆୟୋଜନ କରାଯିବ।

ଯୋଗାଯୋଗ ମନ୍ତ୍ରଣାଳୟ କହିଛି, ନାଗରିକମାନଙ୍କୁ ସମ୍ବିଧାନର ମୂଲ୍ୟବୋଧ ପ୍ରତିଫଳିତ କରିବାରେ ନିୟୋଜିତ କରିବା ସହିତ ସେମାନଙ୍କ ମଧ୍ୟରେ ଏକତା ଏବଂ ଜାତୀୟ ଗୌରବର ଭାବନାକୁ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

## ଦିଲ୍ଲୀ ଇଲେକ୍ସନ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ପ୍ରତ୍ୟାହାର ଆଜି ଶେଷଦିନ ରହିଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ୭୧୯ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛନ୍ତି। କେବଳ ନୂଆଦିଲ୍ଲୀ ବିଧାନସଭା ଆସନ ପାଇଁ ସର୍ବାଧିକ ୨୩ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ପଟେଲ ନଗର ଏବଂ କସ୍ତୁରବା ନଗର ଆସନ ପାଇଁ ସର୍ବନିମ୍ନ ୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ, ୧ ହଜାର ୫୨୨ଟି ନାମାଙ୍କନପତ୍ର ମଧ୍ୟରୁ ୪୭୭ଟି ନାମାଙ୍କନପତ୍ର ରଦ୍ଦ ହୋଇଛି । ଦିଲ୍ଲୀ ବିଧାନସଭା

ନିର୍ବାଚନ ପାଇଁ ଆସନ୍ତା ମାସ ୫ ତାରିଖରେ ମତଦାନ ହେବାକୁ ଥିବା ବେଳେ ୮ ତାରିଖରେ ଭୋଟ୍ ଗଣତି ହେବ ।

## ମାଣ୍ଡବ୍ୟ

ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ନୂଆଦିଲ୍ଲୀଠାରେ ଆଜି ଅସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦଘାଟନ କରିବେ । ଏହି ସମ୍ମିଳନୀର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଅସଙ୍ଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା । ଏହି ସମ୍ମିଳନୀରେ ଏସୀୟ ପ୍ରଶାନ୍ତ ମହାସାଗର ଅଞ୍ଚଳର ବିଭିନ୍ନ ଦେଶରେ କାର୍ଯ୍ୟ କରୁଥିବା ହିତାଧିକାରୀ, ନୀତି ନିର୍ଦ୍ଧାରକ, ସାମାଜିକ ସୁରକ୍ଷା ପ୍ରଶାସକ ଏବଂ ସାମାଜିକ ସୁରକ୍ଷା ସଂସ୍ଥାର ବିଶେଷଜ୍ଞମାନେ ଯୋଗଦେବେ ।

## ଭାରତ ଗ୍ଲୋବାଲ ଏକ୍ସପୋ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ  ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ରେ ୨୨ଟି ବିଭିନ୍ନ ବ୍ରାଣ୍ଡର ୫୬ଟି ନୂଆ ଉତ୍ପାଦ ଗତକାଲି ଉନ୍ମୋଚିତ ହୋଇଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସୁପର ବାଇକ, କାର୍, ବସ୍ ଏବଂ ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାଧୁନିକ ଯାନ,  ମୋବିଲିଟି ସଲ୍ୟୁସନ୍ ଓ ଯନ୍ତ୍ରାଂଶ

ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଗ୍ଲୋବାଲ୍ ଏକ୍ସପୋର ଶୁଭାରମ୍ଭ କରିଥିଲେ।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍, ଯଶୋଭୂମି ଏବଂ ଗ୍ରେଟର ନୋଏଡାର ଇଣ୍ଡିଆ ଏକ୍ସପୋ ସେଣ୍ଟର ଆଣ୍ଡ ମାର୍ଟରେ ଏହି ୬ ଦିନିଆ ଏକ୍ସପୋ ଚାଲିଛି। ମନ୍ତ୍ରଣାଳୟ କହିଛି, ଏହି ଏକ୍ସପୋ ସମଗ୍ର ଭାରତୀୟ ଅଟୋମୋଟିଭ୍ ଏବଂ ମୋବିଲିଟି ଇକୋସିଷ୍ଟମକୁ ଗୋଟିଏ ଛାତ ତଳେ ଏକାଠି କରିବା ପାଇଁ ଏହି ଐତିହାସିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଇପିଏଫ୍‌ଓ- ମେମ୍ବର ପ୍ରୋଫାଇଲ୍

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ)ର ସଦସ୍ୟମାନେ ଏଣିକି ଅନଲାଇନ୍‌ରେ ସହଜରେ ନିଜର ପ୍ରୋଫାଇଲ୍ ଅପଡେଟ୍ କରିପାରିବେ। ଯେଉଁ ସଦସ୍ୟଙ୍କ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ଆଧାର ଜରିଆରେ ବୈଧ ହୋଇସାରିଛି ସେମାନେ ନିଜ ପ୍ରୋଫାଇଲରେ ଥିବା ନାମ, ଜନ୍ମ ତାରିଖ, ଲିଙ୍ଗ, ଜାତୀୟତା, ପିତା କିମ୍ବା ମାତାଙ୍କ ନାମ, ପ୍ରଭୃତି ତଥ୍ୟକୁ କୌଣସି ଦସ୍ତାବିଜ ଅପଲୋଡ ନକରି ଅପଡେଟ୍ କରିପାରିବେ । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ କହିଛି, ଏହି ସଂଶୋଧନ ଦ୍ୱାରା ପ୍ରାୟ ୩ ଲକ୍ଷ ୯୦ ହଜାର ସଦସ୍ୟ ଉପକୃତ ହେବେ। ଏହି ସଦସ୍ୟମାନଙ୍କର ଅନୁରୋଧ ବିଭିନ୍ନ ପର୍ଯ୍ୟାୟରେ ବିଚାରାଧୀନ ରହିଛି। ମନ୍ତ୍ରଣାଳୟ କହିଛି, ଇପିଏଫଓର ଡାଟାବେସରେ ଇପିଏଫ ସଦସ୍ୟଙ୍କ ବ୍ୟକ୍ତିଗତ ଡାଟାର

ନିରନ୍ତରତା ଏବଂ ସତ୍ୟତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହା ଦ୍ୱାରା ନିରବଚ୍ଛିନ୍ନ ସେବା ପ୍ରଦାନ କରାଯାଇପାରିବ। କେବଳ, କେତେକ କ୍ଷେତ୍ରରେ ଯେଉଁଠାରେ ୧ ଅକ୍ଟୋବର ୨୦୧୭ ପୂର୍ବରୁ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର ପ୍ରାପ୍ତ ହୋଇଥିଲା ସେଠାରେ ନିଯୁକ୍ତିଦାତାଙ୍କ ପ୍ରମାଣିକରଣର ଆବଶ୍ୟକତା ପଡ଼ିବ ବୋଲି ଇପିଏଫ୍ଓ ପକ୍ଷରୁ କୁହାଯାଇଛି।

## ଟ୍ରମ୍ପ ଓଥ୍

ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଆଜି ଶପଥ ଗ୍ରହଣ କରିବେ । ୱାଶିଂଟନ୍ ଡିସି ଠାରେ ଆମେରିକାର ପ୍ରଧାନ ବିଚାରପତି ଜନ୍ ରବର୍ଟସ୍‌ଙ୍କ ଉପସ୍ଥିତିରେ ଶ୍ରୀ ଟ୍ରମ୍ପ ଶପଥ ଗ୍ରହଣ କରିବେ । ଭାରତୀୟ ସମୟ ଆଜି ରାତି ୮ଟା ୩୦ ମିନିଟ୍ ସମୟରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଶପଥ ଗ୍ରହଣ କରିବା ପରେ ଶ୍ରୀ ଟ୍ରମ୍ପ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଆମେରିକାର ଉପରାଷ୍ଟ୍ରପତି ଭାବେ ଜେଡି ଭାନ୍ସ ମଧ୍ୟ ଶପଥ ଗ୍ରହଣ କରିବେ । ସୂଚନାଯୋଗ୍ୟ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବେ ।

ଉତ୍ସବରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର, ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲି, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଇକୁଏଡର ରାଷ୍ଟ୍ରପତି ଡାନିଏଲ୍ ନୋବୁଆ, ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି

ଜେଆର୍ ବୋଲ୍‌ସୋନାରୋ, ପୋଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ମେଟି ୟୁଜ୍ ମୋରା ୱିକ୍ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶପଥ ଗ୍ରହଣର ଅବ୍ୟବହିତ ପୂର୍ବରୁ ଗତକାଲି ୭୮ ବର୍ଷୀୟ ଶ୍ରୀ ଟ୍ରମ୍ପ ୱାଶିଂଟନ୍ ଡିସି ଠାରେ ଏକ ବିଜୟ ସମାବେଶରେ ଯୋଗଦେଇ ତାଙ୍କ ସମର୍ଥକମାନଙ୍କୁ ସମ୍ବୋଧିତ କରିଥିଲେ ।

## ସୈଫ-ଆଟାକ୍ କେସ୍

ଚଳଚ୍ଚିତ୍ର ଅଭିନେତା ସୈଫ ଅଲ୍ଲୀ ଖାନ୍‌ଙ୍କୁ ଆକ୍ରମଣ ଘଟଣାରେ ଗିରଫ ଅଭିଯୁକ୍ତ ବାଂଲାଦେଶୀ ନାଗରିକ ସରିଫୁଲ ଇସ୍‌ଲାମ୍ ସହଜାଦକୁ ମୁମ୍ବାଇର ଏକ ଅଦାଲତ ୫ ଦିନିଆ ପୁଲିସ୍ ରିମାଣ୍ଡରେ ରହିବାକୁ ଅନୁମତି ଦେଇଛନ୍ତି । ଗତ ଗୁରୁବାର ଦିନ ସହଜାଦ' ଅଭିନେତା ସୈଫି ଅଲ୍ଲୀ ଖାଁକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ମୁମ୍ବାଇ ପୁଲିସ୍ ଏହି ଅଭିଯୁକ୍ତକୁ ଥାନେ ଅଞ୍ଚଳରୁ ଗିରଫ କରିଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ 'ସଡ଼କ ନିରାପତ୍ତା ସୁନିଶ୍ଚିତତା' ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମେହମୁଦ ଅହମ୍ମଦ ଏବଂ ପରିବହନ ବିଶେଷଜ୍ଞ ଅନିଲ ଛିକାରା ଆଲୋଚନାରେ ଅଂଶ ଗ୍ରହଣ କରିବେ ।

କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23421050  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଖୋଖୋ

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ଖୋଖୋ ବିଶ୍ୱକପ୍‌ର ଉଭୟ ପୁରୁଷ ଓ ମହିଳା ବର୍ଗ ଫାଇନାଲ୍ ମ୍ୟାଚ୍‌ରେ ଭାରତ ଚମ୍ପିୟାନ୍ ହୋଇ ଇତିହାସ ରଚିଛି । ପୁରୁଷ ବର୍ଗରେ ଭାରତ ୧୮ ପଏଣ୍ଟରେ ନେପାଳକୁ ଓ ମହିଳା ବର୍ଗରେ ମଧ୍ୟ ୩୮ ପଏଣ୍ଟରେ ନେପାଳକୁ ପରାସ୍ତ କରି ଚମ୍ପିଆନ ଆଖ୍ୟା ଅର୍ଜନ କରିଛି ।

# ହକି

ଓଡ଼ିଶାର ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ହକି ଇଣ୍ଡିଆ ଲିଗ୍ ପ୍ରଥମ ସଂସ୍କରଣ-୨୦୨୫ ମ୍ୟାଚ୍‌ରେ ଓଡ଼ିଶା ୱାରିଅର୍ସ ୪-୧ ଗୋଲ୍‌ରେ ଶ୍ରାଚୀ ରାହ ବେଙ୍ଗଲ ଟାଇଗର୍ସକୁ ହରାଇ ବିଜୟ ହାସଲ କରିଛି । ଏହି ବିଜୟ ଫଳରେ ୮ ପଏଣ୍ଟ ହାସଲ କରି ଓଡ଼ିଶା ୱାରିଅର୍ସ ଟେବୁଲ୍‌ର ଶୀର୍ଷରେ ରହିଛି ।

ସେହିପରି ପୁରୁଷ ବର୍ଗରେ ବେଦାନ୍ତ କଳିଙ୍ଗ ଲାନ୍‌ସର’ ଦିଲ୍ଲୀ ଏସ୍.ଜି. ପାଇପର୍ସକୁ ୩-୨ ସୁଟ୍‌ଆଉଟ୍ ଗୋଲ୍‌ରେ ହରାଇଦେଇଛି ।

# କ୍ରିକେଟ୍

କ୍ୱାଲାଲାମ୍ପୁରଠାରେ ଅନୁଷ୍ଠିତ ଆଇସିସି ୧୯ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଗ୍ରୁପ୍-ଏରେ ଭାରତ ୯ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି । ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ଭାରତ ସମ୍ମୁଖରେ ମାତ୍ର ୪୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଏହାର ଜବାବରେ ଭାରତ ୨୬ଟି ବଲ୍ ଖେଳି ୧ ୱିକେଟ୍ ବିନିମୟରେ ଏହି ବିଜୟ ହାସଲ କରିଥିଲା । ଭାରତର ଜୋସିଥା ଭିଜେ ୨ଟି ୱିକେଟ୍ ହାସଲ କରିଥିବା ବେଳେ ଆୟୁଷୀ ଶୁକ୍ଳା ଏବଂ ପାରୁଣିକା ସିଶୋଦିଆ ଚମତ୍କାର ବୋଲିଂ କରିଥିଲେ ।

ଅନ୍ୟ ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ଆୟୋଜକ ମାଲେସିଆକୁ ୧୩୯ ରନ୍‌ରେ ପରାସ୍ତ କରିଛି ।

# ଆଇଏମଡି

ଭାରତୀୟ ପାଣିପାଗ ବିଭାଗ ପଶ୍ଚିମ ହିମାଳୟ କ୍ଷେତ୍ର, ଜାମ୍ମୁକାଶ୍ମୀର, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତୁଷାରପାତ ହେବ ବୋଲି ପୂର୍ବାନୁମାନ କରିଛି । ଗଣମାଧ୍ୟମକୁ ସୂଚନା

ଦେଇ ପାଣିପାଗ ବିଜ୍ଞାନୀ ଡକ୍ଟର ନରେଶ କୁମାର କହିଛନ୍ତି ପଞ୍ଜାବ, ହରିଆଣା, ପଶ୍ଚିମ ଉତ୍ତରପ୍ରଦେଶ, ଦିଲ୍ଲୀ ଏନ୍‌ସିଆର ଏବଂ ଉତ୍ତର ରାଜସ୍ଥାନ ଅଞ୍ଚଳରେ ଆସନ୍ତା ବୁଧବାର ଓ ଗୁରୁବାର ଦିନ ବର୍ଷାର ସମ୍ଭାବନା ରହିଛି । ସେହିପରି ଦେଶର ଉତ୍ତର-ପଶ୍ଚିମାଞ୍ଚଳରେ ଆସନ୍ତା ୩ ଦିନ ପରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏହି ସମୟ ମଧ୍ୟରେ ଉତ୍ତରାଖଣ୍ଡ, ପଶ୍ଚିମ ରାଜସ୍ଥାନ, ମଧ୍ୟପ୍ରଦେଶ, ପଞ୍ଜାବ, ହରିଆଣା, ଉତ୍ତରପ୍ରଦେଶ, ପୂର୍ବ ରାଜସ୍ଥାନ, ବିହାର, ଓଡ଼ିଶା, ଆସାମ, ମେଘାଳୟ, ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରା ଅଞ୍ଚଳର କେତେକ ସ୍ଥାନରେ ଆସନ୍ତା ୨ ଦିନ ଧରି ଘନକୁହୁଡ଼ି ପରିଲକ୍ଷିତ ହେବ ବୋଲି ପାଣିପାଗ ବିଭାଗ କହିଛି ।